## ସଂକ୍ଷେପରେ

### ଓଲଟିଲା ଡାଳିମ୍ବ ବୋଝେଇ ଟ୍ରକ୍



**ବ୍ରହ୍ମପୁର ଅଫିସ୍,୨୧।୧୧:** ୧୬ ନଂ. ଜାତୀୟ ରାଜପଥର ହଳଦିଆପଦର ବାଇପାସ୍ ରାସ୍ତାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଡାଳିମ୍ବ ବୋଝେଇ ଏକ ଟ୍ରକ ପଡିଥିଲା। ଏଥିରେ ଚାଳକ ଦିଲୀପ ମିଶ୍ରା ଆହତ ହୋଇଛନ୍ତି। ଖବରପାଇ ଟ୍ରାଫିକ୍ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ନାଗପୁର ଅଞ୍ଚଳରୁ ଡାଳିମ୍ବ ନେଇ ଆସୁଥିବା ଟ୍ରକ୍ (ନଂ .ଏମଏଚ୍ ୪୯ ଏଟି ୨୭୩୦)କଲିକତା ଅଭିମୁଖେ ଯାଉଥିଲା ବୋଲି ଆଇଆଇସି ଏସ୍. କିଷାନ୍ କହିଛନ୍ତି ।

### ୧ରୁ ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ
### ଆଜିଠୁ ପ୍ରଶିକ୍ଷଣ, ମନୋନୀତ ହେବେ ୧୨ ଖେଳାଳି

**ବ୍ରହ୍ମପୁର ଅଫିସ, ୨୧।୧୧:** ବିହାରସ୍ଥିତ ଭି.କେ.ଏସ. ଆରା ବିଶ୍ୱବିଦ୍ୟାଳୟ ପରିସରରେ ଡିସେମ୍ବର ୧ ତାରିଖରୁ ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଟୁର୍ନାମେଣ୍ଟରେ ଭାଗନେବାକୁ ଥିବା ଖେଳାଳିଙ୍କୁ ଗୁରୁବାରଠାରୁ ୨୭ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ । ପ୍ରଶିକ୍ଷଣ ଶିବିରରେ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ପୂର୍ବରୁ ହୋଇଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଚୟନ ହୋଇଥିବା ପାରଳାଖେମୁଣ୍ଡି ଏସକେସିଜି, ବିଷମକଟକର ଏମଏମ କଲେଜ, ବ୍ରହ୍ମପୁରର ସିଟି କଲେଜ, ଇମ୍ପେରିଆଲ କଲେଜ, ଦିଶା କଲେଜ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ବିଭାଗର ୨୦ ଖେଳାଳି ଭାଗ ନେବେ । ଏନଆଇସି କୋଚ ପ୍ରଶାନ୍ତ କୁମାର ରଥ, ଏ. ତେଜା, ସୁରେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ସେମାନଙ୍କୁ ପ୍ରଶିକ୍ଷଣ ଦେବେ। ଶିବିରରୁ ମନୋନୀତ ୧୨ ଖେଳାଳି ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ହ୍ୟାଣ୍ଡବଲ ଟୁର୍ନାମେଣ୍ଟରେ ଭାଗ ନେବେ । ୨୮ ତାରିଖରେ ସେମାନେ ବିହାର ଅଭିମୁଖେ ଯାତ୍ରା କରିବେ ବୋଲି କ୍ରୀଡା ପରିଷଦ ପକ୍ଷରୁ କୁହାଯାଇଛି ।

### ଓଇଏସ୍ ସଂଘ ଆନ୍ଦୋଳନକୁ ସମର୍ଥନ

**ବ୍ରହ୍ମପୁର ଅଫିସ,୨୧।୧୧:** ଗଣଶିକ୍ଷା ବିଭାଗରେ ଶିକ୍ଷକଙ୍କଠାରୁ ଅଫିସର ପର୍ଯ୍ୟନ୍ତ କ୍ୟାଡର୍ ରୁଲ୍ ପୁନର୍ଗଠନ କରା ନ ଗଲେ କାର୍ଯ୍ୟରତ କର୍ମଚାରୀମାନେ ଅବସର ନେଇଯାଉଛନ୍ତି। ହେଲେ କୌଣସି ସୁବିଧା ପାଇପାରୁନାହାନ୍ତି। ନିରୁତ୍ସାହିତ ମନେ କରୁଛନ୍ତି ବୋଲି ଏଲିମେଣ୍ଟାରୀ ଶିକ୍ଷକ ସଂଘ ବ୍ରହ୍ମପୁର ସଭାପତି ରାଜେଶ କୁମାର ତାରିଣୀ ପ୍ରକାଶ କରିଛନ୍ତି। ନିକଟରେ ଏଲିମେଣ୍ଟାରୀ କ୍ୟାଡର୍ ରୁଲ୍‌କୁ ପୁନର୍ଗଠନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏଯାବତ୍ କୌଣସି ପଦକ୍ଷେପ ନିଆଯାଇନାହିଁ। ଅବସର ନେଉଥିବା ଶିକ୍ଷକମାନେ ନିଜ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ ହେଉଛନ୍ତି। ୧୯୭୧ରୁ ଶିକ୍ଷା ସେବା ଆୟୋଗ ଦ୍ୱାରା ଶିକ୍ଷା ସେବା ଅଧିକାରୀ ନିଯୁକ୍ତି ନିୟମ ପ୍ରଣୟନ ହୋଇଥିଲା। ହେଲେ ଅଦ୍ୟାବଧି ସେମାନଙ୍କର କ୍ୟାଡର୍ ରୁଲ୍ ନାହିଁ । କେତେକ ବିଭାଗୀୟ ପ୍ରୟାସ ଫାଇଲ୍ ଭିତରେ ଚାପି ହୋଇରହିଛି। ଏହାକୁ ନେଇ ଓଡ଼ିଶା ଶିକ୍ଷା ସେବା ସଂଘ ନଭେମ୍ବର ୨୬ରୁ ଆନ୍ଦୋଳନ ଡାକରା ଦେଇଛି । ଏ ସମ୍ପର୍କରେ ସଂଘ ସାଧାରଣ ସମ୍ପାଦକ ତଥା ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି। ଏଲିମେଣ୍ଟାରୀ ଶିକ୍ଷକ ସଂଘ ତରଫରୁ ଆନ୍ଦୋଳନକୁ ସମର୍ଥନ କରାଯାଇଛି। ଏଲିମେଣ୍ଟାରୀ କ୍ୟାଡର୍ ରୁଲ୍ ପ୍ରକାଶ ସହ ଅଫିସରମାନଙ୍କ କ୍ୟାଡର୍ ରୁଲ୍ ଭଳି ବିଭାଗୀୟ ସମସ୍ୟାର ସୁଧାର ନ ଅଣାଯାଏ, ତେବେ ବ୍ରହ୍ମପୁର ମହାନଗରରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକମାନେ ମଧ ଆନ୍ଦୋଳନ କରିବେ ବୋଲି ସାଧାରଣ ସମ୍ପାଦକ ସୀମାଞ୍ଚଳ ମିଶ୍ର, ଉପସଭାନେତ୍ରୀ ମମତା ପାଣିଗ୍ରାହୀ, ଉପସଭାପତି ନରସିଂହ ପାଢ଼ୀ, ଯୁଗ୍ମ ସମ୍ପାଦକ ବିଭୂତି ଭୂଷଣ ପଣ୍ଡା, ପଞ୍ଚାନନ ଘଡ଼େଇ, ଅବନୀ ପାଢ଼ୀ, ଈଶ୍ୱର ବେହେରା, ଭୋଳା ଶଙ୍କର ମିଶ୍ର, ଜୟସେନ ପ୍ରଧାନ, ଦେବେନ୍ଦ୍ର ବେହେରା ଏବଂ ତାରା ପ୍ରସାଦ ମିଶ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ବଡ଼ ମେଡିକାଲରେ ମାତିଛନ୍ତି ଠକ

**ବ୍ରହ୍ମପୁର ଅଫିସ୍,୨୧।୧୧**

■ସିକ୍ୟୁରିଟି ଗାର୍ଡ ହାତରେ ଧରାପଡ଼ିଲେ ଜଣେ
■ବିଶ୍ୱାସ ଜନ୍ମାଇ ରୋଗୀଙ୍କୁ ଲୁଟୁଥିଲେ

ବ୍ରହ୍ମପୁର ବଡ଼ ମେଡିକାଲରେ ଠକ ସକ୍ରିୟ ହୋଇଛନ୍ତି। ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମନରେ ବିଶ୍ୱାସ ଜନ୍ମାଇ ଲୁଟ କରି ଚାଲିଛନ୍ତି। ଏଭଳି ଜଣେ ଠକ ବୁଧବାର ବଡ଼ ମେଡିକାଲ ସିକ୍ୟୁରିଟି ଗାର୍ଡଙ୍କ ହାତରେ ଧରାପଡିଛନ୍ତି । କମ ଖର୍ଚ୍ଚରେ ସମସ୍ତ ପରୀକ୍ଷା ନିରୀକ୍ଷା କରାଇଦେବେ କହି ସେ ଜଣେ ରୋଗୀ ସମ୍ପର୍କିୟଙ୍କଠାରୁ ଟଙ୍କା ନେଉଥିବା ବେଳେ ସିକ୍ୟୁରିଟି ଗାର୍ଡ଼ମାନେ କାବୁ କରିଥିଲେ। ଶେରଗଡ ଥାନା ଅଞ୍ଚଳର ଏହି ଠକ ଜଣଙ୍କୁ ମେଡିକାଲ୍ ଫାଣ୍ଡିରେ ଅଟକ ରଖି ବୈଦ୍ୟନାଥପୁର ଥାନା ପୋଲିସ ପଚରାଉଚୁରା ଚଳାଇଛି ।

ପ୍ରକାଶ ଯେ, ବୌଦ୍ଧ ଜିଲା ତିଲେଶ୍ୱର ପଞ୍ଚାୟତ ଖଣ୍ଡହତା ଗ୍ରାମର ଗୋବିନ୍ଦ ଦୀପଙ୍କ ସ୍ତ୍ରୀ ପ୍ରସବ ନିମନ୍ତେ ବଡ ମେଡିକାଲରେ ସୋମବାର ଭର୍ତ୍ତି ହୋଇଛନ୍ତି। ବୁଧବାର ସ୍ତ୍ରୀଙ୍କ ରକ୍ତ ପରୀକ୍ଷା ପାଇଁ ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟରକୁ ଯାଉଥିବା ବେଳେ ଠକ ଜଣକ ବାଇକ୍‌ରେ ଆସି ତାଙ୍କୁ ଅଟକାଇ ଥିଲେ। ନିଜ ଆଧାର କାର୍ଡ ଏବଂ ୨୫ ଶହ ଟଙ୍କା ଦେଲେ ମାଗଣାରେ ସମସ୍ତ ପରୀକ୍ଷା ଏବଂ ଔଷଧ ଯୋଗାଇ ଦିଆଯିବ ବୋଲି ଗୋବିନ୍ଦଙ୍କୁ ସେ କହିଥିଲେ । ଗୋବିନ୍ଦ ଏଥିରେ ରାଜି ହୋଇ ଆଧାର କାର୍ଡ ଏବଂ ଟଙ୍କା ଦେବାକୁ ପ୍ରସ୍ତୁତ ହେଉଥିବା ବେଳେ ସେଠାରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ମିନି ରାଜୁ ତାଙ୍କୁ ବାରଣ କରିଥିଲେ। ମେଡିକାଲରେ ମାଗଣାରେ ରୋଗୀଙ୍କ ସମସ୍ତ ପରୀକ୍ଷା ଏବଂ ଔଷଧ ଦିଆଯାଉଥିବା କହିଥିଲେ । ପରେ ସେଠାରେ ଥିବା ଅନ୍ୟ ସିକ୍ୟୁରିଟି ଗାର୍ଡମାନେ ଠକେଇ କରୁଥିବା ଲକ୍ଷ୍ମଣଙ୍କୁ କାବୁ କରି ମେଡିକାଲ ଫାଣ୍ଡି ଜିମା ଦେଇଥିଲେ । ଏ ନେଇ ବୈଦ୍ୟନାଥପୁର ଥାନା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ କହିଛନ୍ତି ଯେ, ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖାଯାଇଛି । ଗୋବିନ୍ଦଙ୍କ ଏତଲା ଅନୁଯାୟୀ ମାମଲା ରୁଜୁ ପରେ ଗିରଫ କରାଯିବ । ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୨ ତାରିଖରେ ଜଣେ ମହିଳା ଏକ ନବଜାତ ଶିଶୁ କନ୍ୟାକୁ ନେଇଯାଇଥିଲେ। ଟିକା ଦେବା ପାଇଁ ଡାକ୍ତର ଡାକୁଥିବା କହି ସେ ପ୍ରସୂତି ଓ ଶିଶୁକନ୍ୟାଙ୍କୁ ଆଉଟଡୋରକୁ ନେଇଥିଲେ । ପ୍ରସୂତିଙ୍କୁ ଧାଡିରେ ଠିଆ କରାଇ ନିଜେ ଶିଶୁକୁ ଧରିଥିଲେ। ସୁଯୋଗ ଉଣ୍ଡି ଶିଶୁକୁ ନେଇ ବଡ଼ ମେଡିକାଲରୁ ପଳାଇଥିଲେ । ପରେ ବୈଦ୍ୟନାଥପୁର ପୋଲିସ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରିଥିଲା ।

# ବ୍ରହ୍ମପୁରରେ ଜସ୍ନ-ଏ-ଇଦ୍ ମିଲାଦୁନ୍ ନବି



ଜସ୍ନ-ଏ-ଇଦ୍ ମିଲାଦୁନ୍ ନବି ଅବସରରେ ପ୍ରଜ୍ଞାପନ ମେଢ଼ ବ୍ରହ୍ମପୁର ସହର ପରିକ୍ରମା କରୁଛି ।

**ବ୍ରହ୍ମପୁର ଅଫିସ,୨୧।୧୧**

ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଜସ୍ନ-ଏ-ଇଦ୍ ମିଲାଦୁନ୍ ନବି ବୁଧବାର ବ୍ରହ୍ମପୁର ସହରରେ ପାଳିତ ହୋଇଯାଇଛି। ସକାଳ ୯ଟାରେ ସହରର ବିଭିନ୍ନ ମସ୍‌ଜିଦ୍‌ରୁ ପ୍ରଜ୍ଞାପନ ମେଢ଼ ବାହାରି ଜାମିଆ ମସ୍‌ଜିଦ୍‌ରେ ଏକାଠି ହୋଇଥିଲା। ଏଥିରେ ପ୍ରାୟ ୧୫ଶହରୁ ଅଧିକ ଇସ୍‌ଲାମ୍ ଧର୍ମାବଲମ୍ବୀମାନେ ଭାଗନେଇ ମହାପୁରୁଷ ମହମ୍ମଦ୍‌ଙ୍କ ଜନ୍ମ ଦିବସ ପାଳନ କରିଥିଲେ । ମହମ୍ମଦଙ୍କ ବାଣୀ ପଦ୍ୟାବୃତ୍ତ କରିବା ସହ ସହର ପରିକ୍ରମା ହୋଇଥିଲା। ମଧ୍ୟାହ୍ନରେ ଖାଜାସାହିରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ମନ୍ତ୍ରୀ ରମେଶ ମାଝି ଯୋଗ ଦେଇଥିଲେ । କାଜୁ ନିଗମ ସଭାପତି ମୁନ୍ନା ଖାନ୍, ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଡିଏ ଅଧକ୍ଷ ସୁବାସ ମହାରଣା, ଯୁବ ବିଜେଡ଼ି ସଭାପତି ଅମରୀଶ ପତ୍ରି, ରାଜ୍ୟ ସଂଖ୍ୟାଲଘୁ ସେଲ୍‌ର ସାଧାରଣ ସମ୍ପାଦକ ତଥା ଡା. ପଲ୍ଲଭ ଲିମା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ଜିଲା ଯୁବ ବିଜେଡ଼ି ସଭାପତି ଧନଞ୍ଜୟ ରାଓ, ବିକ୍ରମ ପଣ୍ଡା, ପୂର୍ବତନ କର୍ପୋରେଟର୍ ଆର୍. ମୂରଲୀ ମୋହନ, ମମତା ବିଷୋୟୀ ଏବଂ ଜିଲା ମହିଳା ବିଜେଡ଼ି ସଭାନେତ୍ରୀ ସଂଘମିତ୍ରା ଦଲେଇ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ମହମ୍ମଦ ଇବ୍ରାହିମ୍ ଖାନ୍ ଅଧକ୍ଷତା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଡା. ଇମତିଆଜ୍ ବେଗ୍ ଧନ୍ୟବାଦ ଦେଇଥିଲେ। ଫାଇଜ୍ ଖାନ୍, ଇଜାଜ୍ ବେଗ୍, ସାକିର୍ ବେଗ୍, ଶେଖ ରିଆଜ୍, ଭୀଷ୍ମାଚାର୍ଯ୍ୟ ଚୌଧୁରୀ ଏବଂ ଚନ୍ଦ୍ରମୋହନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଇଦ୍ ମିଲାଦୁନ୍ ନବି କମିଟି ସଭାପତି ଭାଉସି ବେଗ୍ ଏବଂ ସମ୍ପାଦକ ଫାଇଜ୍ ଖାନ୍‌ଙ୍କ ସମେତ ବହୁ ସଦସ୍ୟ ଆୟୋଜନରେ ପ୍ରମୁଖ ଭୂମିକା ନେଇଥିଲେ ।

### ବିଜୁ କନ୍ୟାରତ୍ନ ଯୋଜନା ସଚେତନତା କାର୍ଯ୍ୟକ୍ରମ
## ଲିଙ୍ଗଗତ ତାରତମ୍ୟ ଦୂର କରିବାକୁ ଆହ୍ୱାନ

**ବ୍ରହ୍ମପୁର ଅଫିସ,୨୧।୧୧**

ଗଞ୍ଜାମ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ବ୍ରହ୍ମପୁର ଯୋଗାଜ୍ୟୋତି ଉଚ୍ଚବିଦ୍ୟାଳୟରେ ବିଜୁ କନ୍ୟାରତ୍ନ ଯୋଜନା ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଚନ୍ଦ୍ରଭାନୁ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଆଇନ ଅଧିକାରୀ ସୁଦାମ ପାଣିଗ୍ରାହୀ ଯୋଗଦେଇ ଯୋଜନାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ଲିଙ୍ଗଗତ ତାରତମ୍ୟ, ଲିଙ୍ଗନିରୂପଣ ରୋକିବା, ଶିଶୁଙ୍କ ସୁରକ୍ଷା ଓ ଯତ୍ନ ପାଇଁ ଥିବା ଆଇନ ଉପରେ ଗୁରୁତ୍ୱାରୋପ କରିଥିଲେ । ସାଧନ କର୍ମୀ ସୁକଣ୍ଠା ପଣ୍ଡା ଯୋଗଦେଇ ସମାଜରେ କନ୍ୟାସନ୍ତାନଙ୍କ ଗୁରୁତ୍ୱ ଓ ଭୂମିକା ଦିଗରେ ସଚେତନ କରାଇଥିଲେ। କନ୍ୟାସନ୍ତାନର ସ୍ୱାସ୍ଥ୍ୟ ଯତ୍ନ ନେବା ସହ ବାଲ୍ୟବିବାହ ପ୍ରଥା ରୋକିବା ନେଇ ଶପଥପାଠ କରାଯାଇଥିଲା । ଆଗାମୀ ଦିନରେ ପ୍ରତ୍ୟେକ ସ୍କୁଲ ଓ କଲେଜରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଥିଲା । ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ■ ବରିଷ୍ଠ ନାଗରିକଙ୍କ ଜମି ହଡ଼ପ ମାମଲା
# ନ୍ୟାୟ ପାଇଁ ଏସ୍‌ପି ଅଫିସ ସମ୍ମୁଖରେ ବୃଦ୍ଧାଙ୍କ ଧାରଣା



ଧାରଣାକାରୀଙ୍କୁ ବୈଦ୍ୟନାଥପୁର ଆଇଆଇସି ବୁଝାଶୁଝା କରୁଛନ୍ତି ।

**ବ୍ରହ୍ମପୁର ଅଫିସ୍,୨୧।୧୧**

ଗୋଷାଣୀନୂଆଗାଁ ଥାନା ଅଧୀନ ଖଜୁରିଆ ଗ୍ରାମର ଜଣେ ବରିଷ୍ଠ ନାଗରିକଙ୍କଠାରୁ ଜମି ହଡପ ମାମଲାରେ ଉପଯୁକ୍ତ ନ୍ୟାୟ ପାଇବା ପାଇଁ ବୁଧବାର ସମ୍ପୃକ୍ତ ୮୦ ବର୍ଷର ବୃଦ୍ଧା ଏସ୍‌ପି ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି । ପରେ ବୃଦ୍ଧାଙ୍କ ନିକଟରେ ବୈଦ୍ୟନାଥପୁର ଥାନା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ପହଞ୍ଚି ବୁଝା ଶୁଝା କରିବା ପରେ ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସଙ୍କ ସହିତ ଆଲୋଚନା କରିବା ପାଇଁ ନେଇଥିଲେ । ଖୁବ୍ ଶୀଘ୍ର ମାମଲାର ସମାଧାନ ନେଇ ପନ୍ଥା ଅବଲମ୍ବନ କରାଯାଇ ଉଦ୍ଦିଷ୍ଟ ନ୍ୟାୟ ପ୍ରଦାନ କରାଯିବାର ପ୍ରତିଶ୍ରୁତି ପାଇବା ପରେ ବୃଦ୍ଧା ଜଣକ ଘରମୁହାଁ ହୋଇଥିଲେ । ପ୍ରକାଶଯେ, ଖଜୁରିଆ ଗ୍ରାମର ଯମୁନା ସାସମଲ୍‌ଙ୍କ ୨୫୫ ଡେସିମିଲ ଜମିକୁ ଚଞ୍ଚକତା କରି ତାଙ୍କ ପରିବାର ସମ୍ପର୍କୀୟମାନେ ହାତେଇ ତାହାକୁ ବିକ୍ରି କରିଦେଇଛନ୍ତି। ଏ ସମ୍ବନ୍ଧରେ ଯମୁନା ଜାଣି ପ୍ରତିବାଦ କରିବା ପରେ ତାଙ୍କୁ ଧମକ ଚମକ ଦିଆଯାଇଥିଲା । ପରେ ସେ ଗୋଷାଣୀନୂଆଗାଁ ଥାନାର ଦ୍ୱାରସ୍ଥ ହୋଇ କୌଣସି ସୁଫଳ ନ ମିଳିବାରୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କୋର୍ଟରେ ୱାନ୍‌ସିସି ମାମଲା ଦାଏର କରିବା ପରେ କୋର୍ଟ ନିର୍ଦ୍ଦେଶାନୁଯାୟୀ ଥାନାରେ ମାମଲା ରୁଜୁ ହୋଇଥିଲା । ପରବର୍ତ୍ତୀ ସମୟରେ ପୋଲିସ ପକ୍ଷରୁ ଅଭିଯୁକ୍ତମାନଙ୍କୁ ଡାକି ଥାନାରେ ପଚରା ଉଚୁରା କରି ଛାଡି ଦେଇଥିବା ବେଳେ ଯମୁନା ନିଜ ଜମି ଫେରିପାଇ ନ ଥିଲେ। ଯାହାକୁ ନେଇ ବୁଧବାର ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯମୁନା ନିଜର ଦୁଇ ପୁଅଙ୍କୁ ନେଇ ଧାରଣା ଦେଇଥିଲେ ବୋଲି ଜଣାପଡିଛି। ଅପରପକ୍ଷେ ଅଭିଯୋଗକାରୀ ଏବଂ ଦଖଲକାରୀଙ୍କୁ ଡକାଯାଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ ଜଣାଇଛନ୍ତି ।

# ଜାତୀୟ ସଙ୍ଗୀତ କଳାକେନ୍ଦ୍ର ପ୍ରତିଷ୍ଠା ଉତ୍ସବ



ମଞ୍ଚାସୀନ ଅତିଥି ।

**ବ୍ରହ୍ମପୁର ଅଫିସ,୨୧।୧୧**

ସାଂସ୍କୃତିକ ପ୍ରତିଷ୍ଠାନ ‘ଜାତୀୟ ସଙ୍ଗୀତ କଳାକେନ୍ଦ୍ର’ ଓ ତ୍ରିପୁରାରି ସାବତ ସ୍ମୃତି ସଂସଦ ପକ୍ଷରୁ କଳାକେନ୍ଦ୍ରର ୬୯ତମ ପ୍ରତିଷ୍ଠା ଦିବସ ତଥା ଅନୁଷ୍ଠାନ ପ୍ରତିଷ୍ଠାତା ସଙ୍ଗୀତଜ୍ଞ ତ୍ରିପୁରାରି ସାବତଙ୍କ ୯୭ତମ ଜୟନ୍ତୀ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । କଳାକେନ୍ଦ୍ରରେ ଆୟୋଜିତ ଉତ୍ସବକୁ ଏସ୍‌ଏମ୍‌ଆଇଟି ସଭାପତି ଭଗବାନ ଗନ୍ତାୟତ ଉଦ୍‌ଘାଟନ କରିଥଲେ । ଦେବୀ ପ୍ରସାଦ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଏ ଅଧକ୍ଷ ସୁବାସ ମହାରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ପି. ଶଙ୍କର ନାରାୟଣ ପାତ୍ର ମୁଖ୍ୟବକ୍ତା ଏବଂ କବି ନିର୍ମାଲ୍ୟ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କଳାକେନ୍ଦ୍ର ପକ୍ଷରୁ ସାରସ୍ୱତ ସାଧକ ଉମା ଚରଣ ମିଶ୍ର ଏବଂ ସ୍ମୃତି ସଂସଦ ପକ୍ଷରୁ କବି ଉମାରାଣୀ ପଣ୍ଡା, ବଳରାମ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । କବି ସୁବାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁଷ୍ଠାନ ସମ୍ପାଦକ ସ୍ୱରଗୌରବ କୃଷ୍ଣପ୍ରସାଦ ସାବତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସରୋଜିନୀ ସାହୁଙ୍କ ରଚିତ ତଥା ଡା. ରାମକୃଷ୍ଣ ସାହୁଙ୍କ ନିର୍ଦ୍ଦେଶିତ ସାମାଜିକ ନାଟକ ‘ସାବିତ୍ରୀ ବସିଛି ସଜେଇ ହୋଇ’ ମଞ୍ଚସ୍ଥ ହୋଇଥିଲା । ଏହାକୁ ସୂର୍ଯ୍ୟନାରାୟଣ ପାତ୍ର ସଂଯୋଜନା କରିଥିବା ବେଳେ କିରଣ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ ।

# ଧାନରାଶିଆ ପାହାଡ଼ ଲିଜ୍ ବାତିଲ କରାଯାଉ

**ବ୍ରହ୍ମପୁର ଅଫିସ,୨୧।୧୧**

**ଗୋପାଳେଶ୍ୱର ଗ୍ରାମ୍ୟ କମିଟିର ଦାବି**

ଗଞ୍ଜାମ ଜିଲା ଭାବନ୍ଧ ପଞ୍ଚାୟତର ଶିଖରପୁର ଗ୍ରାମ ନିକଟରେ ଥିବା ଧାନରାଶିଆ ପାହାଡ଼ରୁ ପଥର ଫଟା ଲିଜ୍ ବାତିଲ ପାଇଁ ଗୋପାଳେଶ୍ୱର ଗ୍ରାମ୍ୟ କମିଟି ଦାବି କରିଛି । ବହୁବାର ଦାବି ସତ୍ତ୍ୱେ ପ୍ରଶାସନିକ କଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। କମିଟି ପକ୍ଷରୁ ଭାସ୍କର ନାୟକ, କୃଷ୍ଣ ନାୟକ ଓ ପ୍ରକାଶ ନାୟକ ବୁଧବାର ବ୍ରହ୍ମପୁରରେ ଗଣମାଧ୍ୟମକୁ କହିଛନ୍ତି, ଏହି ପାହାଡ଼ ହିଞ୍ଜିଳି ନିର୍ବାଚନ ମଣ୍ଡଳୀରେ ରହିଛି। ବେଆଇନ ପଥର ଫଟା ବନ୍ଦ ନିମନ୍ତେ ସ୍ଥାନୀୟ ବିଧାୟକ ତଥା ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଦୀର୍ଘ ଦିନରୁ ଅଭିଯୋଗ କରାଯାଇଛି । ତଥାପି ରାଜସ୍ୱ ଅଧିକାରୀ ପାହାଡ଼ ଲିଜ୍ ବାତିଲ କରୁନାହାନ୍ତି । ପଥର ଫଟା ପାଇଁ ବିସ୍ଫୋରକ ସାମଗ୍ରୀ ବ୍ୟବହୃତ ହେଉଥିବାରୁ ପ୍ରଚଣ୍ଡ ଶବ୍ଦରେ ଗାଁ ଥରହର ହେଉଛି । ଫଳରେ ଲୋକେ ଆତଙ୍କିତ ହେଉଛନ୍ତି । ଶିକ୍ଷାନୁଷ୍ଠାନ, ଦେବାଳୟ ସମେତ ଗ୍ରାମର ଅନେକ ଘର କାନ୍ଥରେ ଫାଟ ହୋଇଛି। ଚଳପ୍ରଚଳ ପାଇଁ ସ୍କୁଲ ବିଦ୍ୟାର୍ଥୀ ଓ ଗ୍ରାମବାସୀ ନିରାପଦ ମଣୁନାହାନ୍ତି । ପଥର ଫଟା ଯୋଗୁ ଗ୍ରାମର ପରିବେଶ ପ୍ରଦୂଷିତ ହୋଇଛି, ପଥରଖଣ୍ଡ ଗ୍ରାମ ଭିତରେ ପଡୁଛି। ଅପରପକ୍ଷରେ ପାହାଡ଼ ଲିଜ୍ ସୂତ୍ରରେ ଦିଆଯାଇଥିବାରୁ ଗୃହପାଳିତ ପଶୁଙ୍କ ଖାଦ୍ୟାଭାବ ଦେଖାଦେଇଛି । ୨୦୧୪ ରୁ ଲିଜ୍ ବାତିଲ ଓ ପଥର ଫଟା ବନ୍ଦ ପାଇଁ ଦାବି କରାଯାଇଛି । ଏହାର ୫ ବର୍ଷ ବିତିବା ପରେ ବି ସମସ୍ୟାର ସମାଧାନ ଲାଗି ଆଖି ବୁଜି ଦିଆଯାଇଥିବା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି । ଦକ୍ଷିଣାଞ୍ଚଳ ଆରଡିସି, ଗଞ୍ଜାମ ଜିଲାପାଳ, ଛତ୍ରପୁର ଉପଜିଲାପାଳଙ୍କୁ ଜଣାଇଥିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା କୁହାଯାଇଛି। ପାହାଡ଼ ଲିଜ୍ ବାତିଲ ଓ ପଥର ଫଟା ସମ୍ପୂର୍ଣ୍ଣ ବନ୍ଦ ପାଇଁ ଗୋପାଳେଶ୍ୱର ଗ୍ରାମ୍ୟ କମିଟି ପୁନର୍ବାର ଦାବି କରିଛି ।

# କନଷ୍ଟେବଲ ହାବିଲଦାର ସଂଘ ନିର୍ବାଚନ

**ବ୍ରହ୍ମପୁର ଅଫିସ,୨୧।୧୧**





ଜଣେ କନଷ୍ଟେବଲ ନିଜର ମତଦାନ ସାବ୍ୟସ୍ତ କରୁଛନ୍ତି ।

ବ୍ରହ୍ମପୁର ପୋଲିସ ଜିଲାର ୧୩ ଥାନାରେ ବୁଧବାର କନଷ୍ଟେବଲ ହାବିଲଦାର ସଂଘ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରୁ ଅପରାହ୍ନ ୧ ଟା ପର୍ଯ୍ୟନ୍ତ ସମସ୍ତ ଥାନାରେ ମତଦାନ ହୋଇଥିଲା । ବ୍ରହ୍ମପୁର ପୋଲିସ ଜିଲାରେ ୭୫୦ କନଷ୍ଟେବଲ ହାବିଲଦାର ରହିଥିବା ବେଳେ ୭୩୦ ମତଦାନ କରିଥିଲେ ।

ପ୍ରକାଶ ଯେ, ନିକଟରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ନବ ନିଯୁକ୍ତ ନଷ୍ଟେବଲଙ୍କ ମତଦାନ ନେଇ ଏକ ନିୟମ ପ୍ରଚଳିତ କରିବାରୁ ବ୍ରହ୍ମପୁର ପୋଲିସ ଜିଲାରେ ନିଯୁକ୍ତି ହୋଇଥିବା ୯୪ କନଷ୍ଟେବଲ ମତଦାନରୁ ବିରତ ରହିଥିଲେ । ଯାହାକୁ ନେଇ ଅସନ୍ତୋଷ ଦେଖା ଦେଇଥିଲେ ହେଁ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଡିଆଇଜି ଡିଏସ୍‌ପି ଅଜୟ ମିଶ୍ର କହିଛନ୍ତି । ଗୁରୁବାର ସମସ୍ତ ମତଦାନ ଗଣନା କରାଯାଇ ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ ବୋଲି ସୂଚନା ମିଳିଛି । ସୂଚନାଯୋଗ୍ୟ, ସଭାପତି ପାଇଁ ଟି.ବେଣୁ ଗୋପାଳ ରାଓ ଏବଂ କାଳୀଚରଣ ଷଡଙ୍ଗୀଙ୍କ ମଧ୍ୟରେ ମୁକାବିଲା ହୋଇଥିବା ବେଳେ ଉପସଭାପତି ପାଇଁ ରଜନୀକାନ୍ତ ପଣ୍ଡା ଓ ବ୍ରହ୍ମ ନାରାୟଣ ସାମନ୍ତରାୟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି । ସେହିପରି ସମ୍ପାଦକ ପାଇଁ ନୟନ ରଞ୍ଜନ ଆଚାର୍ଯ୍ୟ ଓ କେ.ଶ୍ରୀନିବାସ ପାତ୍ର, ସହ ସମ୍ପାଦକ-୧ ପାଇଁ ଗନ୍ଧର୍ବ ଗୌଡ ଓ ଦେବେନ୍ଦ୍ର କୁମାର ପ୍ରଧାନ, ସହ ସମ୍ପାଦକ-୨ ପାଇଁ ଜଗନ୍ନାଥ ସାହୁ ଓ ସନ୍ତୋଷ କୁମାର ପ୍ରଧାନ ଏବଂ କୋଷାଧକ୍ଷ ପାଇଁ ନରସିଂହ ପ୍ରସାଦ ହୋତା ଓ ଅନୀଲ କୁମାର ପାତ୍ରଙ୍କ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକାରିଣୀ ସଦସ୍ୟ ପ୍ରାର୍ଥୀ ୫ ପଦବୀ ପାଇଁ ୧୦ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଥିବା ସୂଚନା ମିଳିଛି ।

### ■ମହାନଗର ପୁସ୍ତକମେଳା ୬ଷ୍ଠ ସନ୍ଧ୍ୟା
# ପୁରାତନ ଗୀତରେ ଝୁମିଲେ ଦର୍ଶକ

**ବ୍ରହ୍ମପୁର ଅଫିସ, ୨୧।୧୧**

ଗଞ୍ଜାମ ଜିଲା ପୁସ୍ତକମେଳା କମିଟି ପକ୍ଷରୁ ସ୍ଥାନୀୟ ଏସ୍‌ଏସ୍‌ଭିଟି ଗ୍ରାଉଣ୍ଡରେ ଚାଲିଥିବା ମହାନଗର ପୁସ୍ତକମେଳାର ବୁଧବାର ଥିଲା ୬ଷ୍ଠ ଦିବସ । ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ଦର୍ଶକଙ୍କ ମନୋରଞ୍ଜନ ପାଇଁ ସହରର ବିଖ୍ୟାତ କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ଖୋଲିଥିବା ନ୍ୟାସନାଲ ବୁକ ଟ୍ରଷ୍ଟ ଅଫ ଇଣ୍ଡିଆ ଷ୍ଟଲ ଚଳିତ ବର୍ଷ ନିତ୍ୟାନନ୍ଦ ସ୍ୱାଇଁଙ୍କ ଅନୁବାଦକ ପୁସ୍ତକ ୫୦ ପ୍ରଶ୍ନର ମନଛୁଆଁ ଉତ୍ତର, ଚିତ୍ତରଞ୍ଜନ ଦାଶଙ୍କ ଶ୍ରେଷ୍ଠ ଗଳ୍ପ, କିଶୋରୀ ଚରଣ ଦାଶଙ୍କ ଶ୍ରେଷ୍ଠ ଗଳ୍ପ, ଇଶ୍ରୋର କାହାଣୀ ସମେତ ଦେଶର ମହାପୁରୁଷ ତଥା ଶହୀଦଙ୍କ ଉପରେ ଆଧାରିତ ପୁସ୍ତକ ପ୍ରଦର୍ଶିତ ହୋଇଥିବା ଦେଖିବାକୁ ମିଳୁଛି। କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡିଶା ସାହିତ୍ୟ ଏକାଡେମୀର ଷ୍ଟଲରେ ବିକ୍ରି ହେଉଥିବା ପୁସ୍ତକ ମେଳାରେ ଅନ୍ୟତମ ଆକର୍ଷଣ ହୋଇଛି । ସେହିପରି ପୁରୀରୁ



କମିଟି ପକ୍ଷରୁ ଅଶ୍ୱିନୀ ମହାପାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଉଛି ।

ଆସିଥିବା ମୋ ପ୍ରଣାମ ଷ୍ଟଲ ଭଳି ଖୋଲାଯାଇଥିବା ଆଧାତ୍ମିକ ଷ୍ଟଲରେ ଦର୍ଶକ ଭିଡ ଦେଖିବାକୁ ମିଳିଥିଲା । ୬ଷ୍ଠ ସନ୍ଧ୍ୟାକୁ ଗୀତି କବି ଇଂ. ପ୍ରଦୀପ କୁମାର ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ସାହିତ୍ୟିକ ପ୍ରଫେସର ରମେଶ ଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକମେଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ଶିଶିର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କଣ୍ଠ ଶିଳ୍ପୀ ଗଣେଶ ପଟ୍ଟନାୟକ ଓ ଅଶ୍ୱିନୀ କୁମାର ମହାପାତ୍ରଙ୍କୁ କମିଟି ପକ୍ଷରୁ ପୁସ୍ତକମେଳା ସଙ୍ଗୀତ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ କବି ସୁଧାଞ୍ଜଳୀ ମିଶ୍ରଙ୍କ କବିତା ସଙ୍କଳନ ‘ଭକ୍ତି ସୁଧା’ ପୁସ୍ତକ ଉନ୍ମୋଚିତ ହୋଇଥିଲା । କଣ୍ଠଶିଳ୍ପୀ ସୁବାଷ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ସୁଶାନ୍ତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ନୀହାର ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମରେ ନବକିଶୋର ମହାପାତ୍ର, ସୁଦୀପ ସାହୁ, କେଶବ ମିଶ୍ର ଓ ସୁଧାଞ୍ଜଳୀ ମିଶ୍ର ପ୍ରମୁଖ ବହୁ କଣ୍ଠଶିଳ୍ପୀ ପୁରାତନ ହିନ୍ଦୀ ଓ ଓଡିଆ କଥାଚିତ୍ରର ଗୀତ ପରିବେଷଣ କରିଥିଲେ ।




■ଚାକିରି କରାଇ ଦେବାକୁ କହି ଠକେଇ

# ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷାଙ୍କ ସ୍ୱାମୀ ଗିରଫ

ଗଞ୍ଜାମ,୨୧।୧୧(ଡି.ଏନ.ଏ.)

ରମ୍ଭା ଥାନା ଅଞ୍ଚଳର ଶିକ୍ଷିତ ବେକାର ଯୁବକମାନଙ୍କୁ ଚାକିରି କରାଇ ଦେବାକୁ କହି ଜଣେ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷାଙ୍କ ସ୍ୱାମୀ ଲକ୍ଷଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ସେ ହେଲେ ବସନ୍ତ କୁମାର ପଲାଇ।

ପ୍ରକାଶ ଯେ, ବସନ୍ତ ଭୁବନେଶ୍ୱରରେ ଏକ ସଂସ୍ଥାରେ କାମ କରନ୍ତି। ସେଠାରେ ଚାକିରି କରାଇଦେବାକୁ କେତେଜଣ ଯୁବକଙ୍କଠାରୁ ଟଙ୍କା ନେଇଥିବାବେଳେ ଚାକିରି ଦେଇ ନ ଥିଲେ। ପରେ ସମ୍ପୃକ୍ତ ଯୁବକମାନେ ଟଙ୍କା ଫେରାଇବାକୁ କହିଥିଲେ। ମାତ୍ର ବସନ୍ତ ସେମାନଙ୍କୁ ଟଙ୍କା ନ ଫେରାଇ ଧମକଚମକ ଦେଇଥିଲେ। ବାଧ୍ୟହୋଇ ସମ୍ପୃକ୍ତ ଯୁବକମାନେ ରମ୍ଭା ଥାନାରେ ଲିଖିତ ଏତଲା ଦେଇଥିଲେ। ରମ୍ଭା ପୋଲିସ ଅଭିଯୋଗକୁ ଭିତ୍ତିକରି ବସନ୍ତଙ୍କ ନିଜ ଗ୍ରାମ ଶତ୍ରୁଶୋଲରୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ପରେ ବସନ୍ତ ଟଙ୍କା ନେଇଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ରମ୍ଭା ପୋଲିସ ସୂଚନା ଦେଇଛି। ଏନେଇ ନଂ.୨୧୩/୧୮ରେ ପୋଲିସ ମାମଲା ରୁଜୁକରି ବସନ୍ତଙ୍କୁ କୋର୍ଟଚାଲାଣ କରିଥିବା ରମ୍ଭା ଥାନାଧିକାରୀ କୃଷ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

## ହତ୍ୟା ଉଦ୍ୟମ ମାମଲା,୨ ନିର୍ଦ୍ଦୋଷ

ଛତ୍ରପୁର,୨୧।୧୧(ଡି.ଏନ.ଏ)

ପୁରୁଷୋତ୍ତମପୁର ଥାନା ଧୋବାପଲ୍ଲୀ ଗାଁର ସୁରେନ୍ଦ୍ର ଗୌଡଙ୍କୁ ୨୦୧୬ ନଭେମ୍ବର ୧୪ ତାରିଖରେ ହୋଇଥିବା ମରଣାନ୍ତକ ଆକ୍ରମଣ ମାମଲାରେ ୨ ଅଭିଯୁକ୍ତ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ସେମାନେ ହେଲେ କାର୍ତ୍ତିକ ଗୌଡ ଓ ଗନ୍ତେଇ ଗୌଡ। ଛତ୍ରପୁର ସହକାରୀ ଦୌରାଜଜ୍ ଶରତ କୁମାର ପାତ୍ର ମାମଲାର ବିଚାର କରି ପ୍ରମାଣ ଅଭାବରୁ ସୋମନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତମାନଙ୍କ ପକ୍ଷରୁ ଓକିଲ ବ୍ରଜମୋହନ ଆଚାର୍ଯ୍ୟ ଓ କୃଷ୍ଣ ଚନ୍ଦ୍ର ସାହୁ ଏବଂ ସରକାରଙ୍କ ପକ୍ଷରୁ ରମେଶ ଚନ୍ଦ୍ର ଚୌଧୁରୀ ମାମଲା ପରିଚାଳନା କରୁଥିଲେ।

## ସଦ୍ୟଜାତ ଶିଶୁକନ୍ୟା ମୃତଦେହ ଉଦ୍ଧାର

ବୁଗୁଡ଼ା,୨୧।୧୧(ଡି.ଏନ.ଏ.)

ବୁଗୁଡ଼ା ସହରର ନେଳିଆ ବନ୍ଧ ତୁଠର ଏକ ପାବଚ୍ଛରୁ ବୁଧବାର ଭୋର ପ୍ରାୟ ୫ଟାରେ ଏକ ସଦ୍ୟଜାତ ଶିଶୁକନ୍ୟାର ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଲୋକେ ସ୍ନାନ କରିବାକୁ ଯିବାବେଳେ ଏହା ଦେଖିଥିଲେ। କନ୍ୟାଭ୍ରୂଣ ନଷ୍ଟ ନ କରିବା ପାଇଁ ବାରମ୍ବାର ସଚେତନତା କରାଯାଉଥିଲେ ମଧ୍ୟ ଏହାକୁ ରୋକାଯାଇ ପାରୁନାହିଁ। ଯାହାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ପରେ ମୃତଦେହକୁ ସେଠାରୁ ବାହାର କରାଯାଇଥିଲା।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ